# ଜିଲ୍ଲାପାଳଙ୍କ ଦ୍ୱାରା ପ୍ରିଜାଇଡିଂ ଓ ପୋଲିଙ୍ଗ ଅଫିସର ତାଲିମ କେନ୍ଦ୍ର ପରିଦର୍ଶନ -

Collector Visit the Election Training of Presiding Officer and Ist Pooling Officer.

## ଗୁରୁତ୍ୱର ସହ ଦାୟିତ୍ୱ ନିର୍ବାହ କରିବାକୁ ତାଗିଦ୍ ।

୨ୟ ଦିବସ ପ୍ରିଜାଇଡିଂ ଅଫିସର ଓ ପ୍ରଥମ ପୋଲିଂଗ ଅଫିସରମାନଙ୍କର ତାଲିମ କାର୍ଯ୍ୟକ୍ରମକୁ ଆଜି ପୂର୍ବାହ୍ନରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଶ୍ରୀ ମନୋଜ କୁମାର ମହାନ୍ତି ପରିଦର୍ଶନ କରି EVM ଓ VVPAT ବ୍ୟବହାର ଉପରେ ଆବଶ୍ୟକ ଜ୍ଞାନ ଆହରଣ କରି ନିଜର ଦାୟିତ୍ୱ ସୁଚାରୁରୂପେ ପରିଚାଳନା କରିବାକୁ ପରାମର୍ଶ ଦେଇଛନ୍ତି । ନିର୍ବାଚନ କାର୍ଯ୍ୟରେ ଭୁଲ ଅକ୍ଷମଣୀୟ । ଏହି ତାଲିମରୁ ଆବଶ୍ୟକ ଜ୍ଞାନ ଆହରଣ କରି ସତର୍କତା ଅବଲମ୍ବନ ପୂର୍ବକ ସମସ୍ତ କାର୍ଯ୍ୟକୁ ଦାୟିତ୍ୱର ସହ ନିର୍ବାହ କରିବାକୁ ଜିଲ୍ଲାପାଳ ଉପସ୍ଥିତି କର୍ମଚାରୀମାନଙ୍କୁ ପରାମର୍ଶ ଦେଇଛନ୍ତି । ଅନୁଗୋଳ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ ଗୃହ,ଜିଲ୍ଲା ପରିଷଦ ଓ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଭାଗୃହ ଠାରେ ଅନୁଷ୍ଠିତ ଏହି ତାଲିମ କାର୍ଯ୍ୟକ୍ରମକୁ ଜିଲ୍ଲପାଳ ବୁଲି ଦେଖିଥିଲେ । ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଅତୁଲ୍ୟ କୁମାର ଚମ୍ପତିରାୟ, ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ବାସୁଦେବ ଶତପଥି, ଡେପୁଟୀ କଲେକ୍ଟର ( ନିର୍ବାଚନ) ଶ୍ରୀ ବୈତୁରା ଦିପ୍ ପ୍ରମୁଖ ଜିଲ୍ଲାପାଳଙ୍କର ଏହି ପରିଦର୍ଶନ ସମୟରେ ଉପସ୍ଥିତ ରହି କର୍ମଚାରୀମାନଙ୍କୁ ନିଜର ଦାୟିତ୍ୱ ସତର୍କତାର ସହିତ ନିର୍ବାହ କରିବାକୁ ପରାମର୍ଶ ଦେଇଥିଲେ । ୩ଟି ପର୍ଯ୍ୟାୟ ବିଶିଷ୍ଟ ଏହି ତାଲିମ କାର୍ଯ୍ୟକ୍ରମର ଶେଷରେ କର୍ମଚାରୀମାନେ କଣ ଶିଖିଲେ ସେ ବିଷୟରେ ଏକ ପରିକ୍ଷା କରାଯିବ । ଆଜି ୨ୟ ଦିବସରେ ୬୯୮ ଜଣ ତାଲିମ ଗ୍ରହଣ କରିଥିବା ବେଳେ ୫୧ ଜଣ ଅନୁପସ୍ଥିତ ଅଛନ୍ତି ।


TOILET



